# କୁମୁଦିନୀ ବରାଇ

ଜନ୍ମ: ( ୧୯୩୬-      ) ମସିହା

ଶ୍ରୀମତୀ କୁମୁଦିନୀ ବରାଇ ଓଡ଼ିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗରେ ଅଧ୍ୟାପିକା ଭାବରେ ଯୋଗଦେଇ ସଫଳତାର ସହିତ ପ୍ରାଧ୍ୟାପିକା, ଉପାଧ୍ୟକ୍ଷା ଓ ଅଧ୍ୟକ୍ଷା ପଦରେ ଆସୀନ ହୋଇଛନ୍ତି । ସେ ପ୍ରତିଷ୍ଠିତ ରମାଦେବୀ ମହିଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷା । ସେ ଅନେକ ବଂଗଳା ଓ ହିନ୍ଦୀ ପୁସ୍ତକ ଓଡ଼ିଆରେ ଅନୁଦିତ କରିଛନ୍ତି । ତାଙ୍କ ପୁସ୍ତକଗୁଡ଼ିକ-

କେତୋଟି କାହାଣୀ, ରୂପସୀ ଓ ଅନ୍ୟମାନେ, ନଦୀକଥା, ରାମାୟଣର କାବ୍ୟମର୍ମ, ହତ୍ୟାକାରୀର ମା, ବିନୀତା ମିତ୍ର, କୃଷ୍ଣକଲୀ, ଶ୍ରୀ ଶ୍ରୀ ମା ଆନନ୍ଦମୟୀ, ମା ଆନନ୍ଦମୟୀ, ଚାବିବନ୍ଦ ସିନ୍ଦୁକ ।

**କେତୋଟି କାହାଣୀ,** ପୃଷ୍ଠା-୧୭୦, ପ୍ରକାଶକାଳ- ୨୦୦୫, ମୂଲ୍ୟ: ୮୧/-

କେତେକେ କୃତବିଦ୍ୟ ସ୍ରଷ୍ଟାଙ୍କ କମନୀୟ ସୃଷ୍ଟି, ଯେଉଁ ବଂଗଳା ଗଳ୍ପଗୁଡ଼ିକ ତାଙ୍କର ହୃଦୟକୁ ସ୍ପର୍ଶ କରିଚି ତାର ସମାରୋହ ଏହି କ୍ଷୁଦ୍ରଗଳ୍ପ ସଂକଳନରେ ।

**ରୂପସୀ ଓ ଅନ୍ୟମାନେ ,** ପୃଷ୍ଠା-୧୫୮, ପ୍ରକାଶକାଳ- ୨୦୦୫, ମୂଲ୍ୟ: ୮୧/-

ବଂଗଳାର କେତେକ ସୁସାହିତ୍ୟିକଙ୍କ ଅନବଦ୍ୟ କୃତି ବିଶେଷ କରି ନାରୀର ବିଭିନ୍ନ ଚରିତ୍ରର ବର୍ଣ୍ଣନା ରହିଛି ଏହି କ୍ଷୁଦ୍ର ଗଳ୍ପଗୁଡ଼ିକରେ । ସମାଜ ଡିଣ୍ଡିମ ପିଟେ ଆମେ ନାରୀକୁ ଶ୍ରେଷ୍ଠ ଆସନ ଦେଇଛୁ, ଏହା କ'ଣ ସତ ??

**ନଦୀକଥା,** ପୃଷ୍ଠା-୧୮୪, ପ୍ରକାଶକାଳ-୨୦୦୬, ମୂଲ୍ୟ- ଟ.୯୦/-

ବଂଗଳା ସାହିତ୍ୟର ସୁନାମଧନ୍ୟ ପ୍ରତିଥଯଶୀ ସ୍ରଷ୍ଟାମାନଙ୍କର ଅତୁଳନୀୟ ସୃଷ୍ଟିକୁ ନେଇ ଏହି ଅନୁବାଦ ସଂକଳନ । ମଣିଷ ଜୀବନର ବିଭିନ୍ନ ସମସ୍ୟାକୁ ନେଇ ଯେଉଁ କାହାଣୀ ଗୁଡ଼ିକ ହେଇଛି ସେଥିରୁ କେତୋଟି ସତ୍ୟ କାହାଣୀ ଉପରେ ଲିଖିତ ।

**ରାମାୟଣର କାବ୍ୟମର୍ମ,** ପୃଷ୍ଠା-୨୪୮, ପ୍ରକାଶକାଳ-୨୦୦୭, ମୂଲ୍ୟ- ଟ.୧୧୭/-

ବିଦ୍ୟାନିବାସ ମିଶ୍ରଙ୍କର ହିନ୍ଦୀ ରଚନା ଏହି ପୁସ୍ତକରେ ରାମାୟଣର ପ୍ରତ୍ୟେକ ଆଦର୍ଶବାଦୀ ରଚିତ୍ର ଯଥା ରାଜା ଦଶରଥ, ମାତା କୌଶଲ୍ୟା, ମର୍ଯ୍ୟାଦା ପୁରୁଷ ଶ୍ରୀରାମ, ଭରତ ତଥା ଯଥାର୍ଥବାଦୀ ପାତ୍ରମାନଙ୍କ ମଧ୍ୟରେ କୈକେୟୀ, ଲକ୍ଷ୍ମଣ ଓ ମନ୍ଥରାର ରଚିତ୍ର ଚିତ୍ରଣ ହେଇଛି । ସୀତାଙ୍କ ନିର୍ବାସନରେ ରାମଙ୍କ ନିର୍ବାସନ ।

**ହତ୍ୟାକାରୀର ମା,** ପୃଷ୍ଠା-୧୬୮, ପ୍ରକାଶକାଳ- ୨୦୦୮, ମୂଲ୍ୟ: ୯୦/-

ମହାଶ୍ୱେତା ଦେବୀଙ୍କ ଉପନ୍ୟାସ । ବଂଗଳାରୁ ଓଡ଼ିଆ ଅନୁବାଦ । ଗୋଟିଏ ଗରୀବ ମା ଜାଣେ କେଉଁ ପରିସ୍ଥିତିରେ ପଡ଼ି ତା ପୁଅ ହତ୍ୟାକାରୀ ହୋଇଛି । ଯେଉଁ ରାଜନୀତିଜ୍ଞମାନେ ହତ୍ୟାକାରୀ କରଉଛନ୍ତି ସେମାନଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ହେବ ନାହିଁ କାହିଁକି ? ମା'ର ଏଇ ପ୍ରଶ୍ନର ଉତ୍ତର ଦେବ କିଏ ???

**ବିନୀତା ମିତ୍ର,** ପୃଷ୍ଠା-୯୬, ପ୍ରକାଶକାଳ-୨୦୦୮, ମୂଲ୍ୟ- ଟ.୫୦/-

ମହାଶ୍ୱେତା ଦେବୀଙ୍କ ଉପନ୍ୟାସ, ବଂଗଳାରୁ ଓଡ଼ିଆ ଅନୁବାଦ । ଦାରିଦ୍ର୍ୟର କଷାଘାତରେ ଆଶ୍ରୟହୀନା ଜଣେ ମା, ତାର ଶିଶୁ କନ୍ୟାକୁ ନେଇ ବଞ୍ଚି ରହିବା ପାଇଁ ସଂଘର୍ଷ କରି କେତେଦୂର ସଫଳକାମ ହୋଇଛି ତଥା ସମାଜର ରାକ୍ଷସମାନେ ନିରୀହ ଝିଅମାନଙ୍କୁ ଜାଲରେ ପକାଇ ହତ୍ୟା କରୁଥିବାର କରୁଣ କାହାଣୀ ।

**କୃଷ୍ଣକଲୀ,** ପୃଷ୍ଠା-୨୮୦, ପ୍ରକାଶକାଳ-୨୦୦୮, ମୂଲ୍ୟ- ଟ.୧୩୦/-

ଶିବାନୀଙ୍କ ଉପନ୍ୟାସ - ହିନ୍ଦୀରୁ ଓଡ଼ିଆ ଅନୁବାଦ । କୃଷ୍ଣକଲୀ ସୌନ୍ଦର୍ଯ୍ୟ ଓ କୌମାର୍ଯ୍ୟରେ ଅଗ୍ନିଶିଖାରେ ବିଭୂଷିତ ଗୋଟିଏ ବଳିଷ୍ଠ ନାରୀ ବ୍ୟକ୍ତିତ୍ୱ । ନିଜର ଜନ୍ମଜାତ ଗ୍ଲାନିରୁ ବାହାରି ଆସି ତାର ସୌରଭରେ ଓ ସୁବାସରେ ସମସ୍ତ ପରିବେଶକୁ ମୋହାଚ୍ଛନ୍ନ କରିଦିଏ । ସେ ଜୀବନରେ ହାରିଯିବା, ନଇଁ ପଡ଼ିବା ଶିଖି ନଥିଲା । ସମସ୍ତ ପରିସ୍ଥିତିର ମୁକାବିଲା କରି ପାରିଥିଲା ।

**ଶ୍ରୀ ଶ୍ରୀ ମା ଆନନ୍ଦମୟୀ,** ପୃଷ୍ଠା-୧୦୩, ପ୍ରକାଶକାଳ-୨୦୦୯, ମୂଲ୍ୟ- ଟ.୫୦/-

ଶ୍ରୀ ଶ୍ରୀ ମା ଆନନ୍ଦମୟୀ ରୂପରେ ପୂର୍ଣ୍ଣ ବ୍ରହ୍ମ ନାରାୟଣର ଆବିର୍ଭାବ ହେଇଥିଲା । ତାଙ୍କ ସଂସ୍ପର୍ଶର ଆସିଥିବା କେତେକ ଭକ୍ତଙ୍କ ଅନୁଭୂତିକୁ ବଂଗଳାରୁ ଓଡ଼ିଆ ଅନୁବାଦ କରାଯାଇଛି ।

**ମା ଆନନ୍ଦମୟୀ,** ପୃଷ୍ଠା-୧୪୪, ପ୍ରକାଶକାଳ-୨୦୦୮, ମୂଲ୍ୟ- ଟ.୬୦/-

ଇଂରାଜୀରୁ ଓଡ଼ିଆ ଅନୁବାଦ । ଏହି ସଂକଳନରେ ମା'ଙ୍କର ଅଲୌକିକ ପ୍ରତିଭା ବିଷୟରେ ତାଙ୍କର କେତେକ ଭକ୍ତଙ୍କ ସହିତ ମା'ଙ୍କ କଟେଇଥିବା କେତେକ ବହୁମୂଲ୍ୟ ସମୟର ଅନୁଭୂତିର ବର୍ଣ୍ଣନା କରାହୋଇଛି ।

**ଚାବିବନ୍ଦ ସିନ୍ଦୁକ,** ପୃଷ୍ଠା-୧୫୨, ପ୍ରକାଶକାଳ-୨୦୧୦, ମୂଲ୍ୟ- ଟ.୯୮/-

ଆଶାପୂର୍ଣ୍ଣା ଦେବୀଙ୍କ ଉପନ୍ୟାସ । ବଂଗଳାରୁ ଓଡ଼ିଆ ଅନୁବାଦ । ଗ୍ରାମର ଶିକ୍ଷିତ କୋଠର ପ୍ରକୃତିର ତ୍ରିଭୁବନେଶ୍ୱର ଘୋଷାଲର ଅତ୍ୟାଚାରର ଶିକାର ହୋଇଥିବା ତାଙ୍କର ଦ୍ୱିତୀୟ ପତ୍ନୀ କେଶବତୀ, ରୂପବତୀ ନିରୀହ ରଞ୍ଜାବତୀ ବାଧ୍ୟ ହୋଇ ଆତ୍ମହତ୍ୟା କରିବାର କରୁଣ କାହାଣୀ ।